# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 April - 2026**

**********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝର ଜିଲ୍ଲା ଗସ୍ତର ତୃତୀୟ ଦିନରେ ୧ ହଜାର ୩୩୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୧୮୭ଟି ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ତଥ୍ୟର ଉପଯୁକ୍ତ ବ୍ୟବହାର ନେଇ ଭୁବନେଶ୍ୱରଠାରେ ଚାଲିଛି 'ଶାସନ ପାଇଁ ପ୍ରଶାସନିକ ତଥ୍ୟର ସମନ୍ୱୟ' ସମ୍ମିଳନୀ

- ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଆସନ୍ତାକାଲି ବିଧାନସଭାର ହେବ ଏକ ସ୍ୱତନ୍ତ୍ର ଅଧିବେଶନ

ଏବଂ

- ନୃତ୍ୟ ମାଧ୍ୟମରେ କଳାର ସୃଜନଶୀଳ ରୂପକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ନୃତ୍ୟ ଦିବସ

# ମୁଖ୍ୟମନ୍ତ୍ରୀ – ବସ୍ ଡିପୋ

**କେନ୍ଦୁଝର**କୁ ଦେଶର ଏକ ଶ୍ରେଷ୍ଠ ଶିଳ୍ପ ସମୃଦ୍ଧ ଜିଲ୍ଲା ଭାବେ ଗଢ଼ି ତୋଳିବା ନେଇ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝରଠାରେ ଆୟୋଜିତ ବିକାଶ ସମାବେଶରେ ଜିଲ୍ଲାର ସାମଗ୍ରିକ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ୧ ହଜାର ୩୩୦ କୋଟି  ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମୋଟ ୧୮୭ଟି ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜିଲ୍ଲାବାସୀଙ୍କୁ ସ୍ମାର୍ଟ  ସାଧାରଣ ପରିବହନ ବ୍ୟବସ୍ଥା ଯୋଗାଇ ଦେବା ପାଇଁ ୨୫ଟି ଅତ୍ୟାଧୁନିକ ଇ-ବସ୍ ସହିତ ୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଆମ ବସ୍ ଡିପୋ'ର ମଧ୍ୟ ସେ ଲୋକାର୍ପଣ କରିଛନ୍ତି।

**- V/O -**

ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ପ୍ରାୟ ୭୦୫ କୋଟି ଟଙ୍କାର ୬୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ ପ୍ରାୟ ୨୫୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ପ୍ରକଳ୍ପକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହି ନୂତନ ପଦକ୍ଷେପଗୁଡ଼ିକ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ସହ ଏକ ବିକଶିତ କେନ୍ଦୁଝର ଓ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ଦ୍ୱାରା ଏହା ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ମାଧ୍ୟମରେ ୧୫୦ ଜଣ ନିଯୁକ୍ତି ପାଇଥିବାବେଳେ ସେମାନଙ୍କ ମଧ୍ୟରେ ୩୦ ଜଣ ମହିଳା ଗାଇଡ୍ ଓ ୨ ଜଣ ମହିଳା ଡ୍ରାଇଭର ସାମିଲ ଅଛନ୍ତି। ରାଜ୍ୟ ସରକାରଙ୍କ ମହିଳା ଶକ୍ତି ଅଭିଯାନକୁ ଏହା ଆହୁରି ସୁଦୃଢ଼ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ପ୍ରଶାସନିକ ତଥ୍ୟ ସମ୍ମିଳନୀ

ରାଜ୍ୟର ଉନ୍ନତି ହେଲେ ଦେଶ ଉନ୍ନତିର ଶିଖର ଛୁଇଁପାରିବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି। ଭୁବନେଶ୍ୱରଠାରେ କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ 'ଶାସନ ପାଇଁ ପ୍ରଶାସନିକ ତଥ୍ୟର ସମନ୍ୱୟ' ବିଷୟବସ୍ତୁକୁ ନେଇ ଆୟୋଜିତ ଦୁଇଦିନିଆ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ସମସ୍ତ କ୍ଷେତ୍ରରେ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଡିଜିଟାଲ ଯୁଗରେ ପ୍ରଶାସନିକ ତଥ୍ୟର ସମନ୍ୱୟ ରକ୍ଷା କରିବା ଦ୍ୱାରା ସାଧାରଣ ଜନତାଙ୍କ ନିକଟରେ ସରକାରୀ ସେବା ଶୀଘ୍ର ଓ ସହଜରେ ପହଞ୍ଚିପାରିବ। ୨୦୪୭ ବିକଶିତ ଭାରତ ଏବଂ ୨୦୩୬ ମସିହା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ଏହି ସମ୍ମିଳନୀ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ତଥ୍ୟର ଠିକ୍ ବ୍ୟବହାରକୁ ଗୁରୁତ୍ୱ ଦିଆଯାଇ ଏହି ସମ୍ମଳିନୀ ଆୟୋଜନ କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି।

୨୦୨୫ ଡିସେମ୍ବରରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀର ଏହା ଏକ ପରବର୍ତ୍ତୀ କାର୍ଯ୍ୟକ୍ରମ। ଏଥିରେ  ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ପ୍ରତିନିଧିମାନେ ଯୋଗଦେଇଛନ୍ତି। ପୂର୍ବରୁ ଫେବୃୟାରୀ ମାସରେ ନୂଆଦିଲ୍ଲୀରେ ଏବଂ ପରେ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଆଭ୍ୟନ୍ତରୀଣ କର୍ମଶାଳାରୁ ମିଳିଥିବା ମତାମତ ଉପରେ ବିସ୍ତୃତ ଆଲୋଚନା କରାଯାଉଛି। ବିଶେଷକରି ତୃଣମୂଳ ସ୍ତରରେ ତଥ୍ୟ ସଂଗ୍ରହ କେବଳ ଦେଖାଦେଉଥିବା ପ୍ରତିବନ୍ଧକକୁ କିପରି ଦୂର କରାଯାଇ ପାରିବ ସେ ନେଇ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆନ୍ତଃବିଭାଗୀୟ ଡାଟା ସେଟ୍ ଚିହ୍ନଟ କରିବା ଓ ଏହାର ବ୍ୟାପକ ପ୍ରୟୋଗ ମାଧ୍ୟମରେ ନୀତି ନିର୍ଦ୍ଧାରଣକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର କାର୍ଯ୍ୟସୂଚୀ ରହିଛି।

# ଡବ୍ଲୁବି ଇଲେକ୍ସନ

ପଶ୍ଚିମବଙ୍ଗରେ ଆଜି ୧୪୨ଟି ବିଧାନସଭା ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଜାରି ରହିଛି । ଆଜି ଅପରାହ୍ନ ଗୋଟାଏ ସୁଦ୍ଧା ୬୧ ଦଶମିକ ୧/୧ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି । ସକାଳ ୭ଟାରୁ ଆରମ୍ଭ ହୋଇଥିବା ମତଦାନ ପ୍ରକ୍ରିୟା ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ୩ କୋଟି ୨୨ ଲକ୍ଷରୁ ଅଧିକ ଭୋଟର ଏହି ପର୍ଯ୍ୟାୟରେ ୧ ହଜାର ୪୪୮ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି ।

କାଁଭାଁ ହିଂସାକାଣ୍ଡକୁ ବାଦ୍ ଦେଲେ ମତଦାନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ରହିଥିବା ଜଣାପଡ଼ିଛି । ସ୍ୱଚ୍ଛ ଏବଂ ସୁରକ୍ଷିତ ମତଦାନ ଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ବିଧାନସଭା-ସୁରକ୍ଷା ବ୍ୟବସ୍ଥା

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆସନ୍ତାକାଲି  ଅନୁଷ୍ଠିତ ହେବ। ଏହି ଦିନିକିଆ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରାଯିବ । ଅଧିବେଶନ ପୂର୍ବରୁ ବିଧାନସଭା ପରିସରକୁ ତ୍ରି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂହ ଆଜି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ନିରାପତ୍ତା ଦୃଷ୍ଟିରୁ ପ୍ରାୟ ୩୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ମୁତୟନ କରାଯାଇଛି। ଲୋୟର ପିଏମ୍‌ଜି ଅଂଚଳରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଧାନ ସଂଗ୍ରହ କମିଟି ବୈଠକ

ଆସନ୍ତା ରବି ଧାନକ୍ରୟ ଋତୁକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏଥିରେ ଯୋଗଦେଇ ଧାନ ସଂଗ୍ରହ ଉପରେ  ଆଲୋଚନା କରିଛନ୍ତି। ଭଦ୍ରକରେ ବହୁମୁଖୀ ପ୍ୟାକ୍ସ୍,

ପ୍ରତ୍ୟେକ ବ୍ଲକ୍‌ରେ ମଡେଲ ମଣ୍ଡି ପ୍ରତିଷ୍ଠା, ଶୀତଳଭଣ୍ଡାର ନିର୍ମାଣ, ଚଳିତବର୍ଷ ରବି ଫସଲରେ ଚାଷୀମାନେ କିପରି ଉପକୃତ ହେବେ ଉଭୟ ଧାନ ଚାଉଳ ପାଇଁ ଗୋଦାମ ଗୃହ ସୁବିଧା କରିବାକୁ ସେମାନେ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୬ ରବି ଧାନ ସଂଗ୍ରହ ପାଇଁ ଭଦ୍ରକ ଜିଲ୍ଲାରେ ୨ ହଜାର ୯୦୬ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୮୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବୈଠକରୁ ଜଣାପଡିଛି।

## ବିଲ୍

ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ୨୦୨୫, ଜମ୍ମୁ-କଶ୍ମୀର ପୁନର୍ଗଠନ ବିଲ୍ ଏବଂ କେନ୍ଦ୍ରଶାସିତ ପ୍ରଦେଶ ସରକାର ବିଲ୍ ୨୦୨୫ ସମ୍ପର୍କିତ ମିଳିତ ସଂସଦୀୟ କମିଟିର ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦୀୟ କମିଟିର ଅଧ୍ୟକ୍ଷା ଅପରାଜିତା ଷଡଙ୍ଗୀଙ୍କ ନେତୃତ୍ୱରେ ଆସିଥିବା କମିଟି ଏହି ସମ୍ପର୍କରେ ବ୍ୟାପକ ବିଚାର ଆଲୋଚନା କରିଛନ୍ତି। ଲୋକସଭାରେ ଗତବର୍ଷ ଅଗଷ୍ଟ ମାସ ୨୦ ତାରିଖରେ ଗୃହମନ୍ତ୍ରୀ ଏହି ତିନୋଟି ବିଲ୍‌କୁ ଗୃହରେ ଉପସ୍ଥାପନ କରିଥିଲେ।

## ସଂକୀର୍ତ୍ତନ

ନାମ ସଂକୀର୍ତ୍ତନ ଲୋକକଳା ପରିଷଦ, ଓଡ଼ିଶା ଓ **ନବରଙ୍ଗପୁର** ଜିଲ୍ଲା ସଂକୀର୍ତ୍ତନମଣ୍ଡଳୀ ମହାସଂଘ ଆନୁକୂଲ୍ୟରେ ସ୍ଥାନୀୟ ପିଏମ୍‌ଶ୍ରୀ ରାଜା ଚୈତନ୍ୟଦେବ ବିଦ୍ୟାଳୟ ପଡିଆରେ ସଂକୀର୍ତ୍ତନ ଓ ଲୋକକଳା

ମହାସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ୧୦ଟି ବ୍ଲକ୍‌ର ୩୨୮ ନାମ ସଂକୀର୍ତ୍ତନ ମଣ୍ଡଳୀ, ବାଜା ବାଜଣା ଓ ଶଂଖନାଦ ସହ ଚାମୁରୀଆଗୁଡ଼ା ଭୈରବ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରି ସ୍କୁଲ ପଡିଆରେ ପହଞ୍ଚିଥିଲା । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏଥିରେ ଯୋଗଦେଇ ନାମ ସଂକୀର୍ତ୍ତନମଣ୍ଡଳୀ ଆଧ୍ୟାତ୍ମିକତାର ବାର୍ତ୍ତାବହ ବୋଲି କହିଥିଲେ । ନବରଙ୍ଗପୁର ସଦରରେ ସଂକୀର୍ତ୍ତନମଣ୍ଡଳୀଙ୍କ ସମ୍ମିଳନୀ ଗୃହ ପ୍ରତିଷ୍ଠା ନିମନ୍ତେ ବିଧାୟକ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ଗୋପବନ୍ଧୁ ଚୌଧୁରୀ

ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଆଜି ପୂଣ୍ୟତିଥି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ମହାନ ସମାଜସେବୀ ତଥା ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ ସେବା ଓ ତ୍ୟାଗର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଭାବରେ ସ୍ମରଣୀୟ ହୋଇ ରହିବେ ।

# ଅନ୍ତର୍ଜାତୀୟ ନୃତ୍ୟ ଦିବସ

ନୃତ୍ୟ ହେଉଛି କଳାର ସୃଜନଶୀଳ ରୂପ, ଯାହା ମନୁଷ୍ୟର ଆଭ୍ୟନ୍ତରୀଣ ଶକ୍ତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ । ଏହି ବାର୍ତ୍ତା ନେଇ ଆଜି ବିଶ୍ୱରେ ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ କରାଯାଉଛି । ପ୍ରତିବର୍ଷ ଏପ୍ରିଲ ମାସ ୨୯ତାରିଖରେ ପ୍ରସିଦ୍ଧ ନୃତ୍ୟଶିଳ୍ପୀ ଜିନ୍-ଜର୍ଜେସ୍ ନୋଭେରଙ୍କ

ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍‌ର ନୃତ୍ୟ କମିଟି ଦ୍ୱାରା ଅନ୍ତର୍ଜାତୀୟ ନୃତ୍ୟ ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ପ୍ରତିବର୍ଷ ଅନ୍ତର୍ଜାତୀୟ ନୃତ୍ୟ କମିଟି ଦ୍ୱାରା ଜଣେ ନୃତ୍ୟଗୁରୁ କିମ୍ବା ନୃତ୍ୟ ଶିଳ୍ପୀଙ୍କୁ ଚୟନ କରାଯାଇଥାଏ । ସେମାନେ ବିଶ୍ୱବାସୀଙ୍କ ପାଇଁ ପ୍ରେରଣାତ୍ମକ ବାର୍ତ୍ତା ଦେଇଥାଆନ୍ତି। ସେହି ବାର୍ତ୍ତାକୁ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ବିଶ୍ୱସ୍ତରରେ ପ୍ରସାର କରାଯାଇଥାଏ।

ଅନ୍ତର୍ଜାତୀୟ ନୃତ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ନିଜର ସାଧନା ମାଧ୍ୟମରେ ବିଶ୍ୱସ୍ତରରେ ପରିଚିତ କରାଇଥିବା ସମସ୍ତ କଳାକାରଙ୍କୁ ଅଭିନନ୍ଦନ। ନୃତ୍ୟକଳାକୁ ପରବର୍ତ୍ତୀ ପିଢ଼ି ନିକଟରେ ପହଞ୍ଚାଇବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ରାଜସ୍ୱମନ୍ତ୍ରୀ-ବୈଠକ

ଭୁବନେଶ୍ୱର ଲୋକସେବା ଭବନଠାରେ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ କୋଇଲା ଖଣି ଥିବା ଜିଲ୍ଲାଗୁଡ଼ିକର ତାପଜ ଶକ୍ତି ତଥା ଅନ୍ୟାନ୍ୟ ପ୍ରକଳ୍ପ ନେଇ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜମି ଅଧିଗ୍ରହଣ ଯୋଗୁଁ ବିସ୍ଥାପିତ ଲୋକଙ୍କ

ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ପାଇଁ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ପୁନର୍ବାସ ଓ ଥଇଥାନ ନୀତି କାର୍ଯ୍ୟକାରୀ ହେବ ବୋଲି ମନ୍ତ୍ରୀ କହିଛନ୍ତି ।